OFSDP
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ
ପ୍ରକଳ୍ପ ସୂଚନାପତ୍ର

JAPAN Official Development Assistance
JICA

ଭାଗ – ୪/ସଂସ୍କରଣ – ୩ | ଜୁଲାଇ–ସେପ୍ଟେମ୍ବର ୨୦୧୦

## ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ

ଚଳିତ ବର୍ଷର ବୃକ୍ଷରୋପଣ ଶେଷ ହେବା ପରେ ପ୍ରକଳ୍ପ ଦ୍ୱାରା ୧.୬ ଲକ୍ଷ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇପାରିଛି, ଯାହାକି ୨୦୨୩ ବନ ସଂରକ୍ଷଣ ସମିତିର ଅଣୁ ଯୋଜନା ଭିତ୍ତିରେ ହୋଇପାରିଛି । ଏହି ନିର୍ଦ୍ଧାରିତ ଜଙ୍ଗଲ ଅଂଚଳରେ ଯେଉଁ ଉପଚାର କରାଯାଇଛି ତାହା ମଧ୍ୟରେ ରହିଛି ସହାୟକ ପୁନର୍ଜନନ କାର୍ଯ୍ୟକ୍ରମ ଗ୍ୟାପ (ଫାଙ୍କା ସ୍ଥାନ) ବୃକ୍ଷରୋପଣ ବିନା ଓ ଗ୍ୟାପ ବୃକ୍ଷରୋପଣ ସହ ଏବଂ ଚାରି ପ୍ରକାର ବ୍ଲକ୍ (ସମୂହ) ବୃକ୍ଷରୋପଣ ଯଥା ଅର୍ଥନୈତିକ, ଚାରା ଓ ଜାଳେଣୀ, ବାଉଁଶ ଓ ଅଣକାଷ୍ଠ ବନଜାତ ଦ୍ରବ୍ୟ । ଏଥି ସହ ୯୩୧୯ ହେକ୍ଟର ଅଞ୍ଚଳରେ ଶାଗୁଆନ ବୃକ୍ଷରୋପଣ ଓ ୨୦୦୦ ହେକ୍ଟରରେ ହେନ୍ତାଳ ବୃକ୍ଷରୋପଣ (ଏହି ବୃକ୍ଷରୋପଣ ନଭେମ୍ବର ୨୦୧୦ ସୁଦ୍ଧା ଶେଷ ହେବ ) କରାଯାଇଛି । ପୂର୍ବ ବର୍ଷ ଗୁଡ଼ିକରେ କରାଯାଇଥିବା ବୃକ୍ଷ ରୋପଣର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉଛି ଓ ଆବଶ୍ୟକସ୍ଥଳେ ମୃତ ଚାରା ବଦଳରେ ନୂତନ ଚାରା ରୋପଣ କରାଯାଇଛି । ବୃକ୍ଷରୋପଣ ଉପରେ କରାଯାଇଥିବା ତୃତୀୟ ପକ୍ଷ ତଦାରଖ ବୃକ୍ଷରୋପଣର ମାନ ଉପରେ ଅତି ଆବଶ୍ୟକ ସୂଚନା ପ୍ରଦାନ କରୁଛି । ପ୍ରାପ୍ତ ଅଭିଜ୍ଞତାଭିତ୍ତିରେ ଅଣୁଯୋଜନାକୁ ଅଧିକ ଶାଣିତ କରାଯାଇ ଜୀବିକା ନିର୍ବାହ ମାର୍ଗକୁ ଅଧିକ ଉତ୍ତରଦାୟୀ କରାଯିବା ପ୍ରକ୍ରିୟା ଜାରି ରହିଛି ।

ପ୍ରକଳ୍ପ ବିବରଣୀ ଅନୁଯାୟୀ ବଳକା ବନ ସଂରକ୍ଷଣ ସମିତି ଗଠନ ପ୍ରକ୍ରିୟା କରାଯାଉଛି ଓ ସେଗୁଡ଼ିକରେ ଅଣୁ ଯୋଜନା ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ।

ସଂରକ୍ଷିତ ଅଂଚଳ ଭିତରେ ପରିବେଶ ବିକାଶ ସମିତି ଗଠନ ଓ ତାହାକୁ ଗୋଷ୍ଠୀଭିତ୍ତିକ ଉପଚାର ସହ ପରିବେଶ ବିକାଶ ଓ ସମ୍ପ୍ରଦାୟ (ଗୋଷ୍ଠୀ) ଭିତ୍ତିକ ପରିବେଶ ପର୍ଯ୍ୟଟନ ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ହେନ୍ତାଳ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରାଯାଉଛି ଓ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମମାନ ଯଥା ପ୍ରବେଶିକା କାର୍ଯ୍ୟକ୍ରମ ଓ ଆୟକାରୀ କାର୍ଯ୍ୟକଳାପ ମଧ୍ୟ ପୁରା ଦମ୍‌ରେ ଚାଲିଛି ।

ଯଦିଓ ଜୀବିକା ନିର୍ବାହ ପ୍ରୋତ୍ସାହନ କାର୍ଯ୍ୟକ୍ରମଗୁଡ଼ିକ ବିଭିନ୍ନ ସ୍ତରରେ ରହିଛି, ଗୋଷ୍ଠୀଗୁଡ଼ିକ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପ୍ରୋତ୍ସାହିତ କରାଯାଇଛି ଯାହାକି ଅନ୍ୟ ପ୍ରଚଳିତ ଯୋଜନା ଓ କାର୍ଯ୍ୟକ୍ରମ ସହ ଏକାଭିମୁଖୀକରଣ ଦ୍ୱାରା ସମ୍ଭବ ହେଉଛି । ପ୍ରତିପାଳନକ୍ଷମ ଲକ୍ଷ୍ୟରେ ପ୍ରତି ବନଖଣ୍ଡରେ କେତେକ ମଡ଼େଲ (ଆଦର୍ଶ) ବନ ସଂରକ୍ଷଣ ସମିତି ଗଠନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ।

ପ୍ରତିପାଳନକ୍ଷମ କରାଯିବା ଲକ୍ଷ୍ୟରେ ପ୍ରକଳ୍ପ ଏକ ନୀତି ଆପଣେଇ ନେଇଛି ତାହା ହେଲା ଆୟକାରୀ କାର୍ଯ୍ୟକଳାପଗୁଡ଼ିକୁ ଆବଶ୍ୟକତା ଭିତ୍ତିକ କରିବା । ଜୁଲାଇ ୨୦୧୦ ସୁଦ୍ଧା ୧୯୩୨ଟି ସ୍ୱୟଂ ସହାୟକ ଗୋଷ୍ଠୀ, ଭିଏସଏସ ଆବର୍ତ୍ତନ ପାଣ୍ଠିରୁ ଋଣ ନେଇଛନ୍ତି । ଏଥି ମଧ୍ୟରୁ ୪୫୦ଟି ଏସଏଚଜି ପ୍ରଥମ ଋଣ ନିର୍ଦ୍ଧାରିତ ସୁଧ ସହ ପରିଶୋଧ କରି ଦ୍ୱିତୀୟ ଥର ଋଣ ନେଇଛନ୍ତି । ଏହି ପ୍ରକ୍ରିୟା କେବଳ ଯେ ଏସଏଚଜିଗୁଡ଼ିକୁ ଅତିରିକ୍ତ ଆୟ ପାଇଁ କାର୍ଯ୍ୟକ୍ରମ କରିବାକୁ ଓ ସେମାନଙ୍କର ଉଦ୍ୟୋଗ କୌଶଳକୁ ବଢ଼ାଇବାକୁ ପୁନର୍ଜୀବିତ କରିଛି ତା ନୁହେଁ ଏହାଦ୍ୱାରା ନିର୍ଦ୍ଦିଷ୍ଟ ଗୋଷ୍ଠୀଭିତ୍ତିକ ଆୟକାରୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବାକୁ ପ୍ରକଳ୍ପକୁ ଏକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଛି । ତେନ୍ତୁଳି, ଚାରକୋଲି, ମାଛ ଚାଷକୁ ନେଇ ହୋଇଥିବା ଗୋଷ୍ଠୀଭିତ୍ତିକ ଆୟକାରୀ କାର୍ଯ୍ୟକଳାପ ପ୍ରାଥମିକ ଉଦ୍ୟମ ଉତ୍ସାହଜନକ ଫଳ ପ୍ରଦାନ କରିଛି । ପ୍ରକଳ୍ପ ସହ କାମ କରୁଥିବା ଆୟକାରୀ କାର୍ଯ୍ୟକଳାପ ସହଯୋଗ ସଂସ୍ଥାଗୁଡ଼ିକ ମଧ୍ୟ ଆୟକାରୀ କାର୍ଯ୍ୟକଳାପରୁ ଆବଶ୍ୟକ ସହଯୋଗ କରିବା ଆରମ୍ଭ କରିଦେଲେଣି ।

ପ୍ରତିପାଳନକ୍ଷମ କରାଯିବା ଲକ୍ଷ୍ୟରେ କେତେକ ଭିଏସଏସକୁ ଆଦର୍ଶ ଭିଏସଏସରେ ପରିଣତ କରିବାର ଯେଉଁ ଯୋଜନା ରହିଛି, ସେଥି ନିମନ୍ତେ ସାଧାରଣ ପରାମର୍ଶଦାତା ଦଳ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରିସାରିଲେଣି ।

**ଅରୁଣ କୁମାର ବଂସଲ,** ଭା.ବ.ସେ.
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ



## ଫୁଲ ଚାଷ
### ଏକ ବିକଳ୍ପ ଆୟକାରୀ କାର୍ଯ୍ୟକଳାପ

ତତ୍କାଳୀନ କୃଷି ଉତ୍ପାଦନ କମିଶନର ଶ୍ରୀ ଏସ୍.ପି. ନନ୍ଦ, ଭା.ପ୍ର.ସେ., ତାଙ୍କର କୋରାପୁଟ ଖଣ୍ଡୀୟ ପରିଚାଳନା କେନ୍ଦ୍ରଗସ୍ତରେ ଯାଇଥିବା ବେଳେ ଫୁଲ ଚାଷକୁ ବିକଳ୍ପ ଜୀବିକା ନିର୍ବାହ ପନ୍ଥା ଭାବେ ଗ୍ରହଣ କରିବାକୁ ଖଣ୍ଡୀୟ ପରିଚାଳନା କେନ୍ଦ୍ରକୁ ପରାମର୍ଶ ଦେଇଥିଲେ । ଏହା ଉଦ୍ୟାନକୃଷି ବିଭାଗ ସହ ଏକାଭିମୁଖୀକରଣ ଦ୍ୱାରା କରାଯାଇପାରିବ ବୋଲି ସେ ପ୍ରସ୍ତାବ ଦେଇଥିଲେ । ସେହି ପରାମର୍ଶ ଅନୁସାରେ କୋରାପୁଟ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଏଫଏଲଇ, ବେସରକାରୀ ସହଯୋଗ ସଂସ୍ଥା ହେଲ୍ପର ଦଳପତି ଏ ସମ୍ପର୍କରେ ଉଦ୍ୟାନକୃଷି ବିଭାଗ ଓ ବିଭିନ୍ନ ବନ ସଂରକ୍ଷଣ ସମିତି ସହ ଆଲୋଚନା କଲେ । କାର୍ଯ୍ୟକ୍ରମ ଆରମ୍ଭ ହେଲା ଓ ଉଦ୍ୟାନକୃଷି ବିଭାଗ ଦ୍ୱାରା ବାଲଦା କ୍ଷେତ୍ର ପରିଚାଳନା କେନ୍ଦ୍ରରେ ୩୭ଟି ଭିନ୍ନ ଭିନ୍ନ ପ୍ରକାର ଫୁଲର କିଟ୍ ବେସରକାରୀ ସହଯୋଗୀ ସଂସ୍ଥା ହେଲ୍ପ ମାଧ୍ୟମରେ ବଣ୍ଟନ କରାଗଲା । ହିତାଧିକାରୀ ମନୋନୟନ ପରେ ମଦେଇଗୁଡ଼ା ବନ ସଂରକ୍ଷଣ ସମିତିର ଦୁଇ ହିତାଧିକାରୀ ଜଳନ୍ଧର ପାଙ୍ଗୀ ଓ ବଳରାମ ପାଙ୍ଗୀ ଫୁଲ ଚାଷ, ଦୁଇ ଏକର ଜମିରେ ଆରମ୍ଭ କଲେ । ତିନି ମାସ ମଧ୍ୟରେ ସେମାନେ ନିକଟରେ ଥିବା ସେମିଳିଗୁଡ଼ା ବଜାରରେ ଫୁଲବିକିବା ଆରମ୍ଭ କରିଛନ୍ତି । ଯଦିଓ ଫୁଲ ପାଇଁ ଏଠାରେ ବଜାର ସୁଯୋଗ କମ୍ ରହିଛି, ତଥାପି ସେମାନେ ଏକ ପେଣ୍ଡା ଫୁଲକୁ ଏକ ଟଙ୍କା ଦରରେ ବିକି ୧୨,୫୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି । ଏହା ବିକଳ୍ପ ରୋଜଗାରର ଏକ ଭଲ ଉଦାହରଣ ଓ ଅନ୍ୟ ବନ ସଂରକ୍ଷଣ ସମିତିରେ କାର୍ଯ୍ୟକାରୀ କରାଯାଇପାରିବ ।



**ଦୀପକ କୁମାର ମିଶ୍ର,** ଏଫଏଲଇ, କୋରାପୁଟ



Power tiller in Fagunapada VSS

# ବନ ସଂରକ୍ଷଣ ସମିତି ଦ୍ୱାରା ସୁଯୋଗର ସଦୁପଯୋଗ

ରାଉରକେଲା ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ରାଜଗାଙ୍ଗପୁର କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ ଜଙ୍ଗଲ ନିକଟରେ ଥିବା ଏକ ଗାଁ ହେଉଛି ଫଗୁଆପଡ଼ା । ଗ୍ରାମରେ ମୋଟ ୧୧୨ଟି ପରିବାର ରହନ୍ତି ଓ ଜୀବିକା ନିର୍ବାହ ପାଇଁ ସେମାନେ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରନ୍ତି । ଢ଼ୋଙ୍ଗଜୋର ଚେକ୍ ଡ୍ୟାମ୍ ଯୋଗୁଁ ଗ୍ରାମର ଚାଷ ଜମି ଜଳସେଚିତ ହେଉଛି । ଗ୍ରାମରେ ଅଣୁଯୋଜନା ପ୍ରସ୍ତୁତି ସମୟରେ ଗ୍ରାମବାସୀ କୃଷି ଯନ୍ତ୍ରପାତି ପାଇଁ ଗୁରୁତ୍ୱ ଦେଇଥିଲେ । ତତ୍କାଳୀନ କୃଷି ଉତ୍ପାଦନ କମିଶନର ସେହି ବନ ସଂରକ୍ଷଣ ସମିତି ପରିଦର୍ଶନ କରିଥିଲେ । ତାଙ୍କ ପ୍ରଚେଷ୍ଟା ଦ୍ୱାରା କୃଷି ବିଭାଗ କୃଷି ଯନ୍ତ୍ରପାତି ପାଇଁ ୫୦% ସବ୍‌ସିଡ଼ି (ରିହାତି) ଭିଏସଏସକୁ ଦେବାକୁ ସ୍ଥିର କରିଥିଲା ଓ ଏହାର ସଦୁପଯୋଗ କରି ବନ ସଂରକ୍ଷଣ ସମିତି ପ୍ରବେଶିକା କାର୍ଯ୍ୟକ୍ରମ ପାଣ୍ଠିରୁ ଏକ ପାୱାର ଟିଲର କିଣିବାକୁ ନିଷ୍ପତ୍ତି ନେଲା ।

ଏହି ସମ୍ପଦର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ଭାବେ ଆୟ ଓ ବ୍ୟୟ ହିସାବ ରଖିବାକୁ ଦୁଇଟି ଲଗ୍ ବହି ରଖାଯାଇଛି । ବନ ସଂରକ୍ଷଣ ସମିତି ସଭ୍ୟମାନେ ଏହି ମେସିନ ଘଣ୍ଟା ପ୍ରତି ୨୫୦ ଟଙ୍କା ଦରରେ ବ୍ୟବହାର କରିପାରୁଥିବାବେଳେ, ବାହାର ଲୋକ ସେଥିପାଇଁ ଅଧିକ ୫୦ ଟଙ୍କା ଦେଉଛନ୍ତି । ବନ ସଂରକ୍ଷଣ ସମିତି ତାଲିମପ୍ରାପ୍ତ ଚାଳକ ଓ ସହାୟକ ଘଣ୍ଟା ପ୍ରତି ପାଉଣା ହିସାବରେ ଯଥାକ୍ରମେ ୨୦ ଟଙ୍କା ଓ ୧୦ ଟଙ୍କା ହିସାବରେ ନିଯୁକ୍ତି ଦେଇଛି । ଆଜି ପର୍ଯ୍ୟନ୍ତ ବନ ସଂରକ୍ଷଣ ସମିତି ପାୱାର ଟିଲରରୁ ମୋଟ ୬୩,୯୦୫ ଟଙ୍କା ଆୟ କରିଥିବା ବେଳେ ସେଥିରୁ ସେମାନେ ୨୬,୪୮୮ ଟଙ୍କା ମେସିନର ରକ୍ଷଣାବେକ୍ଷଣ ଓ ପାଉଣା ପାଇଁ ଖର୍ଚ୍ଚ କରିଛନ୍ତି । ଏହିପରିଭାବେ ବନ ସଂରକ୍ଷଣ ସମିତି ମୋଟ ୩୭,୪୧୭ ଟଙ୍କା ଲାଭ କରିପାରିଛି । ବନ ସଂରକ୍ଷଣ ସମିତି ସଭାପତି ସାଧବ ବାର୍ଲା କହନ୍ତି, ଏହି ପ୍ରକଳ୍ପ କିଛି ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲେ ଆମ ଗାଁ ଏବେ ଏକ ବିକଶିତ ଗାଁ ହୋଇପାରିଥାନ୍ତା । ସେ ଏବେ ଗାଁ ଓ ପାଖ ଜଙ୍ଗଲର ବିକାଶ ହୋଇପାରିବ ବୋଲି ଆଶାବାଦୀ ଅଛନ୍ତି ।

**ରାଜକିଶୋର କୁଲୁ,** ଦଳପତି, ଯୁବଶକ୍ତି



Harvesting of paddy crops in Fagunapada VSS



# ଏକ ପଡ଼ାରେ ସମ୍ପୂର୍ଣ୍ଣ ପରିମଳ ଯୋଜନା


ରାଉରକେଲା ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ କୁଆଁରମୁଣ୍ଡା କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ଥିବା ପଡ଼ା ଗାଁ ଚୁଟିଆଟୋଲା ପ୍ରକଳ୍ପରେ ପ୍ରଥମ ଦଫାରେ ସାମିଲ ହୋଇଥିଲା । ଏହି ପଡ଼ା ଗାଁରେ ୯୩ଟି ଘର ଥିବା ବେଳେ ମୋଟ ଲୋକ ସଂଖ୍ୟା ୪୬୭ । ଅଣୁ ଯୋଜନା ପ୍ରସ୍ତୁତି ସମୟରେ ଗାଁର ପରିମଳ ବ୍ୟବସ୍ଥା ସୁଧାରିବା ଉପରେ ନିଷ୍ପତ୍ତି ନିଆଯାଇଥିଲା । ପ୍ରକଳ୍ପର ପ୍ରବେଶିକା କାର୍ଯ୍ୟକ୍ରମ ଅଧୀନରେ ଥିବା ଅର୍ଥରେ ଗ୍ରାମର ମଇଳା ପାଣି ନିଷ୍କାସନ ପାଇଁ ଏକ କଂକ୍ରିଟ ନଳା ଗ୍ରାମ ମଧ୍ୟରେ ନିର୍ମାଣ କରାଗଲା । କିନ୍ତୁ ଏହା ଦ୍ୱାରା ସମସ୍ୟାର ସମାଧାନ ହେଲାନାହିଁ । ସହଯୋଗୀ ବେସରକାରୀ ସଂଗଠନ ଫାର ଏହି ସମସ୍ୟା ସମାଧାନ ପାଇଁ ଗ୍ରାମ ବିକାଶକୁ ଯୋଗାଯୋଗ କଲା ଓ ଗ୍ରାମକୁ ସେମାନଙ୍କର ସମ୍ପୂର୍ଣ୍ଣ ଗ୍ରାମ ପରିମଳ ଯୋଜନାରେ ସାମିଲ କରାଗଲା ।

ଯୋଜନାର ନୀତି ନିୟମ ଅନୁସାରେ ପ୍ରତି ପରିବାର ନିଜ ଖର୍ଚ୍ଚରେ ନିଜ ପାଇଁ ଅଲଗା ଅଲଗା ଗାଧୁଆ ଘର ଓ ପାଇଖାନାର ମୂଳଦୁଆ ପକାଇବେ ତଥା ଗ୍ରାମ ପାଣ୍ଠିକୁ ୧୦୦୦ ଟଙ୍କା ପ୍ରଦାନ କରିବେ । ବୋର ୱେଲ, ପାଣି ଟାଙ୍କି ଓ ପାଇପ ଦ୍ୱାରା ପାଣି ସଂଯୋଗ ବ୍ୟବସ୍ଥା ସମେତ ଅନ୍ୟ ସମସ୍ତ ନିର୍ମାଣ ଗ୍ରାମ ବିକାଶ ଦ୍ୱାରା କରାଯିବ । ଗୋଟିଏ ମୋଟର ସମେତ ଏକ ଗଭୀର କୂପ, ୪୦,୦୦୦ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି କରାଯାଇ ସମସ୍ତ ଘରକୁ ଜଳ ଯୋଗାଣ ବ୍ୟବସ୍ଥା କରାଗଲା । ଗୋଟିଏ ଘରର ୟୁନିଟ୍ ପାଇଁ ୧୨,୦୦୦ ଟଙ୍କା ଖର୍ଚ୍ଚ ହେଲା । ହିତାଧିକାରୀ ବାଲି, ଚିପ୍ସ ଓ ଶ୍ରମଦାନ ଆକାରରେ ୩୦୦୦ ଟଙ୍କା ଦେବା ପରେ ବଳକା ଟଙ୍କା ଗ୍ରାମ ବିକାଶ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସହ ମିଶି ପ୍ରଦାନ କଲା ।

ବର୍ତ୍ତମାନ ପ୍ରତି ଘରେ ଜଳଯୋଗାଣ ବ୍ୟବସ୍ଥା ସହ ଗାଧୁଆ ଘର ଓ ପାଇଖାନା ଥିବାରୁ ଲୋକେ ବହୁତ ଖୁସି । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ଏକାଭିମୁଖୀକରଣ କାର୍ଯ୍ୟକୁ ସେମାନେ ବହୁ ପ୍ରଶଂସା କରିଛନ୍ତି । ବନ ସଂରକ୍ଷଣ ସମିତିର ସଭ୍ୟ ରମେଶ ଏକ୍କା କହନ୍ତି, ପ୍ରକଳ୍ପର ଅନ୍ୟାନ୍ୟ କାର୍ଯ୍ୟ ସହ ଏହି ଉଦ୍ୟମ ଦୀର୍ଘ ସମୟ ପର୍ଯ୍ୟନ୍ତ ମନେ ରହିବ ।



# ଜାଳେଣୀ କାଠ ସଂଗ୍ରହ କଷ୍ଟ ଅଧା ଲାଘବ ହେଲା





ବନ ସମ୍ପଦ ଉପରେ ନିର୍ଭରଶୀଳ କୋରାପୁଟ, ଜୟପୁର, କେନ୍ଦୁଝର, ବାଲିଗୁଡ଼ା, ଦେବଗଡ଼ ଓ ପାରଳାଖେମୁଣ୍ଡି ବନଖଣ୍ଡର ୨୧ଟି ଆଦିବାସୀ ଗ୍ରାମର ମହିଳାମାନେ ଏବେ ଖୁବ୍ ଖୁସି, କାରଣ ସେମାନେ ଜାଳେଣୀ କାଠ ସଂଗ୍ରହ ପରି କଷ୍ଟକର କାମକୁ କମ୍ କରିବାକୁ ଏକ ସହଜ ଉପାୟ ପାଇପାରିଛନ୍ତି । ସେମାନଙ୍କ ଗ୍ରାମଗୁଡ଼ିକରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ।

ପ୍ରକଳ୍ପର ତତ୍ତ୍ୱ ଯାହାକି ପ୍ରମାଣିତ କରୁଛି ସୁସ୍ଥ ଜଙ୍ଗଲ ଓ ସୁଖୀ ମଣିଷ । ଗୋଟିଏ ପଟରେ ବ୍ୟାପକ ବୃକ୍ଷରୋପଣ କରାଯାଉଥିବାବେଳେ ଅନ୍ୟ ପଟରେ ଜାଳେଣୀ କାଠ ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା ଏହାର ଅନ୍ୟତମ ଲକ୍ଷ୍ୟ ।

ଗ୍ରାମାଞ୍ଚଳର ମହିଳାମାନେ ପାରମ୍ପରିକ ଚୁଲାରେ ରୋଷେଇ କରନ୍ତି, ସେମାନେ ଜଙ୍ଗଲରୁ ସଂଗୃହୀତ ଜାଳେଣୀ କାଠ, କୃଷି ବଳକା, ଘସି ଆଦି ଜାଳେଣୀଭାବେ ବ୍ୟବହାର କରନ୍ତି । ତେବେ ସବୁ ଗ୍ରାମ ନିକଟରେ ଜଙ୍ଗଲ ନାହିଁ ଯେଉଁଠାରୁ କି ସେମାନେ ଜାଳେଣୀ କାଠ ସଂଗ୍ରହ କରିପାରିବେ । ତେଣୁ ସେମାନଙ୍କୁ ଜାଳେଣୀ କାଠ ପାଇଁ ଦୀର୍ଘ ରାସ୍ତା ଅତିକ୍ରମ କରିବାକୁ ପଡ଼େ । ଅନ୍ୟ ପକ୍ଷରେ ଜାଳେଣୀ କାଠର ଅନିୟନ୍ତ୍ରିତ ସଂଗ୍ରହ ଦ୍ୱାରା ଜଙ୍ଗଲ ସମ୍ପଦ କ୍ଷୟ ହେବାର ସମ୍ଭାବନା ରହିଛି ।

ସାଧାରଣ ଭାବେ ଜାଳେଣୀ କାଠର ବିକଳ୍ପ ଜାଳେଣୀ ଗରିବ ଆଦିବାସୀଙ୍କ ପାଇଁ ଅପହଞ୍ଚ । ପାରମ୍ପରିକ ଚୁଲାରେ ବହୁ ଶକ୍ତି ଅପଚୟ ହୁଏ ଓ ରୋଷେଇ ଶାଳ ଧୂଆଁରେ ଭର୍ତ୍ତିହୋଇଯାଏ । ଫଳରେ କେବଳ ରାନ୍ଧୁଥିବା ବ୍ୟକ୍ତିର ନୁହେଁ ସେଠାରେ ଚଳପ୍ରଚଳ ହେଉଥିବା ଅନ୍ୟମାନଙ୍କର ମଧ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ । ବହୁ ମହିଳା ଆଖି ରୋଗରେ ପଡ଼ିବା ସହ ଶ୍ୱାସ ଜନିତ ରୋଗରେ ପିଡ଼ିତ ହୁଅନ୍ତି ।

**ଧୂମବିହୀନ ଚୁଲାର ସ୍ଥାପନା :**

ଏହି ବିକଶିତ ଚୁଲା ପାଇଁ ଯାହା ସବୁ ଆବଶ୍ୟକତା ରହିଛି ସେଥିରେ ନିର୍ଦ୍ଦିଷ୍ଟ ଆକାରର କେତୋଟି ପାଇପ ଏବଂ ଏକ ଢାଞ୍ଚା, ଯାହା ମଧରେ ୭ ଇଞ୍ଚ ଗୋଲେଇ ପାଇପ ଯିବ ଓ ଦ୍ୱିତୀୟ ଚୁଲା ଦେଇ ଗରମ ଧୂଆଁ ବାହାରକୁ ଯିବ । ଏହି ଚୁଲାରେ ନିଆଁ ଧାସ ପାରମ୍ପରିକ





ଚୁଲା ପରି ବାହାରକୁ ଯିବ ନାହିଁ । ପ୍ରଥମ ଚୁଲାରୁ ପାଇପ ଦ୍ୱାରା ଧୂଆଁ ଧାସ ଦ୍ୱିତୀୟ ଚୁଲାକୁ ଯିବ । ଦ୍ୱିତୀୟ ଚୁଲାରେ ପ୍ରଥମ ଚୁଲା ଅପେକ୍ଷା ନିଆଁ ଧାଁସ ସାମାନ୍ୟ କମ୍ ରହିବ ।

ବିଭିନ୍ନ ସ୍ଥାନରେ ଅଳ୍ପ ଅଳ୍ପ ଚୁଲା ଦେବା ଅପେକ୍ଷା ଗୋଟିଏ ଗାଁର ସମସ୍ତ ଘରେ ଚୁଲା ଦେବାକୁ ପ୍ରକଳ୍ପ ଲକ୍ଷ୍ୟ ରଖିଛି, ଯାହାକି ପ୍ରତିପାଳନକ୍ଷମ ହୋଇପାରିବ ଓ ଠିକ୍ ଭାବେ ତଦାରଖ କରିହେବ । ବର୍ତ୍ତମାନ ସୁଦ୍ଧା ୨୧ଟି ଗ୍ରାମରେ ୧୫୦୦ରୁ ଉର୍ଦ୍ଧ୍ୱ ଚୁଲା ସ୍ଥାପନ କରାଯାଇଛି ଓ ତାହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି ।

**ମୂଲ୍ୟ :**

- ସାମଗ୍ରୀର ମୂଲ୍ୟ : ୧୪୦ ଟଙ୍କା
- ଶ୍ରମର ମୂଲ୍ୟ : ୬୦ ଟଙ୍କା
- ମୋଟ : ୨୦୦ ଟଙ୍କା

**ପାରମ୍ପରିକ ଚୁଲା ତୁଳନାରେ ଧୂମବିହୀନ ଚୁଲାର ଉପକାରିତା :**

- ୫୦% କମ୍ ଜାଳେଣୀ ଆବଶ୍ୟକ ହୁଏ ।
- ରୋଷେଇ ପାଇଁ ଅଧା ସମୟ ଲାଗେ ।
- ରୋଷେଇ ଘରେ ଧୂଆଁ ରହେ ନାହିଁ ।
- ବ୍ୟବହାରକାରୀମାନଙ୍କ ସ୍ୱାସ୍ଥ୍ୟ ଖରାପ ହେବାର ସମ୍ଭାବନା କମ୍ ।
- ସ୍ଥାନୀୟ ମହିଳାଙ୍କ ଦ୍ୱାରା ସମାନ୍ୟ ଖର୍ଚ୍ଚରେ ରକ୍ଷଣାବେକ୍ଷଣ କରାଯାଇପାରିବ ।

**ଶ୍ରୀ ଏ. କେ. ବଂସଲ,** ଭା.ବ.ସେ
ନିର୍ଦ୍ଦେଶକ
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ
ଏସଏଫଟିଆରଆଇ ପରିସର
ଘାଟିକିଆ, ଭୁବନେଶ୍ୱର, ଓଡ଼ିଶା

**ଏମ.ଜି ଗୋଗେଟ**
ଦଳପତି
ସାଧାରଣ ପରାମର୍ଶଦାତା, ଓଏଫଏସଡ଼ିପି

# ବିଦ୍ୟୁତିକରଣ ପାଇଁ ଏକାଭିମୁଖୀକରଣ





## ରାୟଗଡ଼ାର ଦୁର୍ଗମ ପାହାଡ଼ିଆ ଗ୍ରାମରେ ପ୍ରକଳ୍ପ ସହାୟତାରେ ବିଦ୍ୟୁତିକରଣ

ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ ଠାରୁ ୩୫ କି.ମି. ଦୂରରେ ୨୦ ପରିବାର ରହୁଥିବା ଏକ ଛୋଟ ଆଦିବାସୀ ଗ୍ରାମ ହେଉଛି କଳାକାନି । ଏହି ଗ୍ରାମଟି ପ୍ରକଳ୍ପରେ ଦ୍ୱିତୀୟ ଦଫାରେ ସାମିଲ ହେବା ପରେ ବେସରକାରୀ ସଙ୍ଗଠନ ସହାୟତାରେ ଅଣୁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଗ୍ରାମରେ ବିଦ୍ୟୁତିକରଣକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନାରେ ଗ୍ରାମଟି ସାମିଲ ହୋଇନଥିବାରୁ ବନ ସଂରକ୍ଷଣ ସମିତି ସଭ୍ୟମାନେ ଓ ବେସରକାରୀ ସଂଗଠନ ବନ ବିଭାଗ କର୍ମଚାରୀମାନଙ୍କ ସହ ମିଶି ବିଦ୍ୟୁତ ବିଭାଗ ସହ ଏକାଭିମୁଖୀକରଣ ଦ୍ୱାରା ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କଲେ । ଏ ବିଷୟରେ ଓରେଡ଼ା ସହ ଆଲୋଚନା କରାଗଲା । ଓରେଡ଼ାର ଏକ ଦଳ ଗ୍ରାମ ପରିଦର୍ଶନ କରିବା ପରେ ବିଦ୍ୟୁତିକରଣର ଆବଶ୍ୟକତା ଅନୁଭବ କଲେ । ପ୍ରତି ଘରକୁ ଏକ ସୌରଚାଳିତ ଆଲୋକ ବ୍ୟବସ୍ଥା (୨ଟି ଟ୍ୟୁବ ଲାଇଟ, ଗୋଟିଏ ବ୍ୟାଟେରୀ ଓ ଗୋଟିଏ ସୌର ପ୍ଲେଟ୍) ଓ ଗ୍ରାମକୁ ଦୁଇଟି ଷ୍ଟ୍ରିଟ୍ ଲାଇଟ (ରାସ୍ତାକଡ଼ ଆଲୋକ) ପ୍ରଦାନ କରିବାକୁ ସେମାନେ ଯୋଜନା ପ୍ରସ୍ତୁତ କଲେ । ଘରେ ଲଗାଯିବା ବ୍ୟବସ୍ଥାର ମୂଲ୍ୟ ୧୬,୫୦୦ଟଙ୍କା ହୋଇଥିବା ବେଳେ ରାସ୍ତାକଡ଼ା ଆଲୋକ ବ୍ୟବସ୍ଥାର ମୂଲ୍ୟ ୩୬,୫୦୦/- ଟଙ୍କା । ଏହିପରି ଭାବେ ମୋଟ ୪,୭୩,୦୦୦/- ଟଙ୍କା ବ୍ୟୟରେ ଓରେଡ଼ା ପକ୍ଷରୁ ଗ୍ରାମରେ ଆଲୋକ ବ୍ୟବସ୍ଥା ପ୍ରଦାନ କରାଗଲା । ଗ୍ରାମଟି ଏବେ ରାତିରେ ଉଜ୍ଜ୍ୱଳ ଦିଶୁଥିବାରୁ ଗ୍ରାମବାସୀ ବିଶେଷ ଖୁସି ଅଛନ୍ତି । ଏହି ଏକାଭିମୁଖୀକରଣ ଦ୍ୱାରା ଗ୍ରାମବାସୀମାନଙ୍କର ନିଜ ଉପରେ ଓ ତା ସହ ପ୍ରକଳ୍ପ ଉପରେ ମଧ୍ୟ ବିଶ୍ୱାସ ବୃଦ୍ଧି ପାଇଛି ।

**ରଶ୍ମୀକାନ୍ତ ସ୍ୱାଇଁ (ଦଳପତି),** କାଶୀପୁର କ୍ଷେତ୍ର ପରିଚାଳନା କେନ୍ଦ୍ର, ରାୟଗଡ଼ା

## ସୌରଚାଳିତ ବିଦ୍ୟୁତ ବ୍ୟବସ୍ଥାରେ ଚମକୁଛି ଏସ୍. ଡୋଙ୍ଗାସିଲ

ରାୟଗଡ଼ା ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ଟିକିରି କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ରହିଛି ଛୋଟିଆ ଗ୍ରାମ ଏସ୍. ଡୋଙ୍ଗାସିଲ । ଶଙ୍କରଡ଼ା ଗ୍ରାମ ପଞ୍ଚାୟତର ଏହା ଅନ୍ୟତମ ଦୁର୍ଗମ ଗ୍ରାମ । ଛୋଟ ଧରଣର ଚାଷ କାର୍ଯ୍ୟ ଓ ଜଙ୍ଗଲ ଜାତ ଦ୍ରବ୍ୟର ସଂଗ୍ରହ ଓ ବିକ୍ରୟ କରି ଗ୍ରାମବାସୀ ଜୀବିକା ନିର୍ବାହ କରନ୍ତି । ଏହି ଗ୍ରାମକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ସାମିଲ କରାଗଲା । ବହୁବାର ଆଲୋଚନା କରାଯିବା ପରେ ଗ୍ରାମବାସୀ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ରାଜି ହେଲେ । ବେସରକାରୀ ସଂଗଠନ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ସହାୟତାରେ ଅଣୁ ଯୋଜନା ପ୍ରସ୍ତୁତ କରାଗଲା । ଏହି ଗ୍ରାମରେ ବିଦ୍ୟୁତ ନଥିବା ବେଳେ ଜିଲ୍ଲା ପ୍ରଶାସନର ଗ୍ରାମ୍ୟ ବିଦ୍ୟୁତିକରଣ ତାଲିକାରେ ମଧ୍ୟ ଗ୍ରାମ ସାମିଲ ନଥିଲା । ଗ୍ରାମରେ ସୌରଚାଳିତ ଆଲୋକ ବ୍ୟବସ୍ଥା କରିବା ପାଇଁ ଆବେଦନ କରିବାକୁ ବେସରକାରୀ ସଂଗଠନ ଲୋକଙ୍କୁ ଉତ୍ସାହିତ କରିଥିଲା । ଗ୍ରାମବାସୀ ଓ ବେସରକାରୀ ସଂଗଠନ ପକ୍ଷରୁ ବହୁବାର ଆବେଦନର ସ୍ଥିତି ଉପରେ ଗୁରୁତ୍ୱ ଦିଆଯିବା ପରେ ଆବେଦନଟି ମଞ୍ଜୁରୀପ୍ରାପ୍ତ ହେଲା । ୨୦୧୦ ଜୁନ ମାସରେ ଗ୍ରାମର ସମସ୍ତ ଘର (୫୨ଟି ଘର) ସୌର ଚାଳିତ ବ୍ୟବସ୍ଥା ଦ୍ୱାରା ବିଦ୍ୟୁତ ଆଲୋକ ପାଇଲେ ଓ ଗ୍ରାମର ପାଞ୍ଚୋଟି ସ୍ଥାନରେ ରାସ୍ତାକଡ଼ ଆଲୋକ ବ୍ୟବସ୍ଥା ମଧ୍ୟ ଲଗାଗଲା । ଏବେ ସେମାନେ ପାରମ୍ପରିକ ଆଲୁଅ (କିରାସିନି ଓ ଡ଼ିବି) ରୁ ମୁକ୍ତି ପାଇଛନ୍ତି ଓ ସୌରଚାଳିତ ଆଲୋକ ବ୍ୟବସ୍ଥାକୁ ଠିକ୍ ଭାବେ ରକ୍ଷଣାବେକ୍ଷଣ କରିବାକୁ ମନସ୍ଥ କରିଛନ୍ତି । ଏକାଭିମୁଖୀକରଣ ଦ୍ୱାରା ପ୍ରାପ୍ତ ଏହି ସଫଳତା ପରେ ବନ ସଂରକ୍ଷଣ ସମିତି ସେମାନଙ୍କର ସ୍ଥିତିର ବିକାଶ ପାଇଁ ଥିବା ଅନ୍ୟ ସୁଯୋଗ କାର୍ଯ୍ୟ କରିବାରେ ଲାଗି ପଡ଼ିଛନ୍ତି ।

**ଏମ୍. ସନ୍ତୋଷ ପ୍ରସାଦ (ଦଳପତି),** ଟିକିରି କ୍ଷେତ୍ର ପରିଚାଳନା କେନ୍ଦ୍ର, ରାୟଗଡ଼ା ଡ଼ିଏମୟୁ





# ସବୁଜିମା ଆଡ଼କୁ







| ୨୦୧୦–୧୧ରେ ବୃକ୍ଷରୋପଣ | | | | | | | | |
|---|---|---|---|---|---|---|---|---|
| ଏଏନଆର | ଅର୍ଥନୈତିକ | ଚାରା ଓ ଜାଳେଣୀ | ବାଉଁଶ ଓ ବେତ | ଏନଟିଏଫ୍‌ପି | ମୋଟ | ଏଆର ଶାଗୁଆନ | ହେନ୍ତାଳ | ଝାଉଁ |
| ୫୦୬୮୬ | ୩୬୪୩ | ୪୩୮୨ | ୧୧୪୪ | ୧୧୭୦୫ | ୭୧୫୬୦ | ୬୧୭୪ | ୧୦୮୦ | ୫ |
| **୨୦୧୦–୧୧ ପର୍ଯ୍ୟନ୍ତ ହୋଇଥିବା ମୋଟ ବୃକ୍ଷରୋପଣ** | | | | | | | | |
| ଏଏନଆର | ଅର୍ଥନୈତିକ | ଚାରା ଓ ଜାଳେଣୀ | ବାଉଁଶ ଓ ବେତ | ଏନଟିଏଫ୍‌ପି | ମୋଟ | ଏଆର ଶାଗୁଆନ | ହେନ୍ତାଳ | ଝାଉଁ |
| ୧୨୯୪୨୫ | ୫୯୬୩ | ୬୮୯୯ | ୨୦୨୫ | ୧୬୨୦୬ | ୧୬୦୫୧୭ | ୯୩୧୯ | ୨୦୩୧ | ୬୭ |

ସମସ୍ତ ସଂଖ୍ୟା ହେ.

## ୧୦ ଜଣିଆ ମହିଳା ଦଳ
## ପଥ ପ୍ରଦର୍ଶକ



ଏକ ଛୋଟ ଗାଁର କିଛି ମହିଳା ଏବେ ଏତେ ଆତ୍ମବିଶ୍ୱାସୀ ହୋଇପଡ଼ିଛନ୍ତି ଯେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସହାୟତାରେ ବଡ଼ ଧରଣର ବ୍ୟବସାୟ କରିବାକୁ ପ୍ରସ୍ତୁତ ଅଛନ୍ତି । ମାତ୍ର ୧୫,୦୦୦ ଟଙ୍କାର ବ୍ୟବସାୟ ଯୋଜନା ସହ ସେମାନେ ଆରମ୍ଭ କରିଥିଲେ ପତ୍ର ସିଲେଇ କାର୍ଯ୍ୟ । ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରି ମାତ୍ର ଦୁଇ ମାସ ମଧ୍ୟରେ ସେମାନେ ୪୨୦୦ ଟଙ୍କା ଲାଭ କରିପାରିଥିଲେ । ଯେହେତୁ ଏହା ମହିଳାମାନଙ୍କ ଦ୍ୱାରା ଏକ ଛୋଟ ଶିଳ୍ପ ଭାବେ ଗ୍ରହଣ କରାଯାଇଥିଲା ଲାଭ ବାଦ ଏହା ସେମାନଙ୍କ ଆତ୍ମ ବିଶ୍ୱାସ ମଧ୍ୟ ବଢ଼ାଇଦେଲା ।

ରାୟଗଡ଼ା ବନଖଣ୍ଡର ଗୁଣୁପୁର କ୍ଷେତ୍ରୀୟ ପରିଚାଳନା କେନ୍ଦ୍ର ଅଧୀନରେ ରହିଛି ୧୧ଟି ପରିବାର ରହୁଥିବା ରଙ୍ଗାମାଟି ଆଦିବାସୀ ଗ୍ରାମ । ୨୦୧୦–୧୧ରେ ଗ୍ରାମରେ ଓଏଫଏସଡ଼ିପିର କାର୍ଯ୍ୟକ୍ରମ ଆରମ୍ଭ ହେବା ସହ ବନ ସଂରକ୍ଷଣ ସମିତିକୁ ପୁନର୍ଜୀବିତ କରାଯାଇଥିଲା । ଗାଁର ୧୦ ଜଣ ମହିଳା ୨୦୦୭ରେ ଝାଙ୍କିରି ମା ନାମକ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ, କିନ୍ତୁ ସୂଚନା ଓ ଜ୍ଞାନ ଅଭାବରୁ ସେମାନେ କେବଳ ସଭ୍ୟ ପିଛା ମାସିକ ୧୦ ଟଙ୍କା ଲେଖାଏଁ ସଞ୍ଚୟ କରୁଥିଲେ । ସହଯୋଗୀ ବେସରକାରୀ ସଂଗଠନ ଏମଡ଼ବ୍ଲ୍ୟୁଏ ସେମାନଙ୍କୁ ପ୍ରୋତ୍ସାହିତ କରି ଅଧିକ ଆୟ ପାଇଁ ବ୍ୟବସାୟ କରିବାକୁ ପ୍ରବର୍ତ୍ତାଇଲା । ବେସରକାରୀ ସଂଗଠନ ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀ ୧୫,୦୦୦ ଟଙ୍କାର ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ କଲା, ଯୋଜନାଟି ବନ ସଂରକ୍ଷଣ ସମିତି ଦ୍ୱାରା ଗୃହୀତ ହେଲା ଓ ସେଥିପାଇଁ ୧୦,୦୦୦ ଟଙ୍କା ଋଣ ମଂଜୁର ହେଲା । ସେମାନେ ଶିଆଳି ପତ୍ର ସଂଗ୍ରହ କଲେ ତାକୁ ପତ୍ର ପ୍ଲେଟରେ ପରିଣତ କଲେ ଓ ପାଖ ବଜାରରେ ବିକ୍ରି କଲେ । ସେଥିରୁ ଲାଭ କରିବା ପରେ ସେମାନେ ପ୍ରସ୍ତାବିତ ସୁଧ ସହ ଋଣ ପରିଶୋଧ କରିଦେଲେ । ଏବେ ସେମାନେ ମହୁଲ ବ୍ୟବସାୟ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ।

କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ, ଗୁଣୁପୁର

## ଗାଁରୁ ରୋଜଗାର କରୁଥିବା ସିଆଇଜି ଆଉ ସ୍ଥାନାନ୍ତରିତ ହେବେ ନାହିଁ

ଫୁଲବାଣୀ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ଫିରିଙ୍ଗିଆ କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନରେ ଥିବା ମାଝିପଡ଼ା ବନ ସଂରକ୍ଷଣ ସମିତି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ପ୍ରଥମ ଦଫାରେ ସାମିଲ ହୋଇଥିଲା । ଗ୍ରାମରେ ୧୧୫ଟି ପରିବାର ରହନ୍ତି ଓ ଜୀବିକା ନିର୍ବାହ ପାଇଁ ସେମାନେ ଚାଷ ଓ ବନଜାତ ଦ୍ରବ୍ୟ ସଂଗ୍ରହ ତଥା ସେହିପରି ଅନ୍ୟ କାର୍ଯ୍ୟ ଉପରେ ନିର୍ଭର କରନ୍ତି । ତେବେ କାର୍ଯ୍ୟ ଅଭାବରୁ କିଛି ଗ୍ରାମବାସୀ ଅନ୍ୟ ସହରକୁ ସ୍ଥାନାନ୍ତରିତ ହୁଅନ୍ତି ।

ଓଏଫଏସ୍‌ଡ଼ିପି ଅଧୀନରେ ଗ୍ରାମରେ ଅଣୁଯୋଜନା ପ୍ରସ୍ତୁତ କରାଗଲା । ଜଙ୍ଗଲ ବିଭାଗ ଓ  ବେସରକାରୀ ସଂଗଠନ ପ୍ରତି ଯୋଜନାକୁ ସଠିକ୍ ଉପାୟରେ କାର୍ଯ୍ୟକାରୀ କରିବାରେ ସହାୟତା ଦେଲେ । ବେସରକାରୀ ସଂଗଠନ ୧୨ ଜଣ ବନ ସଂରକ୍ଷଣ ସମିତି ସଭ୍ୟଙ୍କୁ ଚିହ୍ନଟ କଲା ଯେଉଁମାନେ କି ପରିବା ଚାଷ କରିବାକୁ ଆଗ୍ରହୀ ଥିଲେ ଓ ସେମାନଙ୍କୁ ନେଇ ଏକ ସିଆଇଜି (କମନ ଇଣ୍ଟ୍ରେଷ୍ଟ ଗ୍ରୁପ୍) ଗଠନ କରାଗଲା । ଏହି ଗୋଷ୍ଠୀ ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ କଲା ଓ ତାହାକୁ ନେଇ ଭିଏସଏସର ଆୟକାରୀ କାର୍ଯ୍ୟକଳାପ ଆବର୍ତ୍ତନ ପାଣ୍ଠିରୁ ଋଣ ପାଇଁ ଆବେଦନ କଲା । ଏହି ଗୋଷ୍ଠୀକୁ ଭିଏସଏସ ୧୦,୦୦୦/– ଟଙ୍କା ଋଣ ମଂଜୁର କଲା । ପ୍ରକଳ୍ପ କାର୍ଯ୍ୟକର୍ତ୍ତାମାନେ ଗୋଷ୍ଠୀର ସଭ୍ୟମାନଙ୍କୁ ବୈଷୟିକ ଜ୍ଞାନ କୌଶଳ ଆହରଣ ପାଇଁ ସ୍ଥାନୀୟ କୃଷି ଅଧିକାରୀଙ୍କ ପାଖକୁ ଯିବାର ବ୍ୟବସ୍ଥା କଲେ । ଏହି ଜ୍ଞାନ କୌଶଳ ସହ ଭିଏସଏସ୍‌ରୁ ଆର୍ଥିକ ସହାୟତା ଓ ସ୍ଥାନୀୟ ବ୍ୟବସାୟୀଙ୍କ ଠାରୁ ପରିବା ବିକ୍ରି ପାଇଁ ପ୍ରତିଶ୍ରୁତି ପାଇବା ପରେ ଗୋଷ୍ଠୀ କୋବି, ବାଇଗଣ ଓ ଆଳୁ ଚାଷ ଆରମ୍ଭ କଲା । ପ୍ରକଳ୍ପର ପ୍ରବେଶିକା କାର୍ଯ୍ୟ ଅଧୀନରେ ଭିଏସଏସ କିଣିଥିବା କେବି ପମ୍ପକୁ ଏହି ଗୋଷ୍ଠୀ ଜଳସେଚନ ପାଇଁ ବ୍ୟବହାର କଲେ । ତିନି ମାସ ପରେ ଏହି ଗୋଷ୍ଠୀ ମିଳିତ ଭାବେ କୋବିରୁ ୧୬,୦୦୦/–ଟଙ୍କା ଓ ଆଳୁ ଏବଂ ବାଇଗଣରୁ ୫୦୦୦/– ଟଙ୍କା ଲାଭ କଲେ । ଏହି ସଭ୍ୟମାନେ ପରିବା ଚାଷ ଜାରି ରଖିଛନ୍ତି ଓ ଗାଁରୁ ହିଁ ଭଲ ରୋଜଗାର କରୁଛନ୍ତି । ସେମାନେ ନିଜ ପିଲାମାନଙ୍କ ପାଠ ପଢ଼ାରେ କିଛି ଅର୍ଥ ବ୍ୟୟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ହସ ହସ ମୁହଁରେ ସେମାନେ କହୁଛନ୍ତି ଏବେ ସେମାନେ ଆଉ ଅନ୍ୟ ସହରକୁ ସ୍ଥାନାନ୍ତର ହେବେ ନାହିଁ ।

**ପ୍ରଶାନ୍ତ ସାହୁ,** ଦଳପତି, ଫିରିଙ୍ଗିଆ କ୍ଷେତ୍ର ପରିଚାଳନା କେନ୍ଦ୍ର



## ମା ଭଣ୍ଡାରଘରଣୀ ସ୍ୱୟଂ ସହାୟକ ଗୋଷ୍ଠୀ

# ବିକାଶ ଆଡ଼କୁ ଏକ ପଦକ୍ଷେପ

୨୦୦୩ ମସିହାରେ ୧୦ ଜଣ ମହିଳା ମା ଭଣ୍ଡାର ଘରଣୀ ନାମକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କଲେ, କିନ୍ତୁ ଆୟ ବଢ଼ାଇବା ପାଇଁ କୌଣସି କାର୍ଯ୍ୟକ୍ରମ କରିପାରିଲେ ନାହିଁ । ସମସ୍ତ ସଭ୍ୟ ଅପାଠୁଆ ଥିଲେ । ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ କୁନ୍ଦୁରା କ୍ଷେତ୍ର ପରିଚାଳନା କେନ୍ଦ୍ରର ରେକ୍ସାକୁନାଡ଼ି ଗ୍ରାମରେ ଓଏଫଏସଡ଼ିପିର କାର୍ଯ୍ୟକ୍ରମ ଆରମ୍ଭ ହେଲା ରେକ୍ସାକୁନାଡ଼ି ବନ ସଂରକ୍ଷଣ ସମିତି ଗଠନ ଦ୍ୱାରା । ସହଯୋଗୀ ବେସରକାରୀ ସଂଗଠନ ଗ୍ରାମକୁ ବାରମ୍ବାର ଯାଇ ଗୋଷ୍ଠୀର ସଭ୍ୟଙ୍କୁ ପ୍ରକଳ୍ପର କାର୍ଯ୍ୟ ଓ କାର୍ଯ୍ୟପ୍ରଣାଳୀ ଉପରେ ସଚେତନ କରାଇଲେ । ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତି ଗୁରୁବାର ସଭ୍ୟ ପିଛା ୨୦ ଟଙ୍କା ସଞ୍ଚୟ କରିବାକୁ ସ୍ଥିର କଲା । ଜଙ୍ଗଲ ବିଭାଗ କର୍ମଚାରୀ ଓ ବେସରକାରୀ ସଂଗଠନ ସହାୟତାରେ ପରିବା ଚାଷ ପାଇଁ ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ କରାଗଲା । ଯୋଜନା କାର୍ଯ୍ୟକାରୀ କରିବାକୁ ବନ ସଂରକ୍ଷଣ ସମିତି ୧୦,୦୦୦/– ଟଙ୍କା ଋଣ ମଞ୍ଜୁର କଲା । ପ୍ରକଳ୍ପ ସହାୟକଙ୍କ ପଥ ପ୍ରଦର୍ଶନ ମାଧ୍ୟମରେ ସେମାନେ ମିଳିତଭାବେ କଖାରୁ ଚାଷ ଆରମ୍ଭ କଲେ । ବ୍ୟବସାୟରୁ ଲାଭ କରିବା ପରେ ସାତ ମାସ ମଧ୍ୟରେ ସେମାନେ ନିର୍ଦ୍ଧାରିତ ସୁଧ ୧% ସମେତ ଋଣ ପରିଶୋଧ କଲେ । ଏବେ ସେମାନଙ୍କ ବ୍ୟାଙ୍କ ଜମା ଖାତାରେ ୯୩୫୭ ଟଙ୍କା ଗଚ୍ଛିତ ଅଛି । ଏହି ଲାଭକୁ ମୂଳ ପୁଞ୍ଜି ଭାବେ ବ୍ୟବହାର କରି ସେମାନେ ଏବେ ତେନ୍ତୁଳି ବ୍ୟବସାୟ କରିବାକୁ ଯୋଜନା କରୁଛନ୍ତି । ଆତ୍ମ ବିଶ୍ୱାସରେ ଭରା ଏହି ମହିଳାମାନେ ଏବେ ଗ୍ରାମର ସର୍ବାଙ୍ଗୀନ ବିକାଶ ଯଥା ଜଙ୍ଗଲ ପରିଚାଳନା, ମଦ ବିରୋଧୀ ଅଭିଯାନ, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଓ ଶିଶୁଙ୍କ ଶିକ୍ଷା ଆଦି କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି ।

**ବିନୋଦ କୁମାର ରାଉତ,** ବିକାଶ ଅଧିକାରୀ, କୁନ୍ଦୁରା କ୍ଷେତ୍ର ପରିଚାଳନା କେନ୍ଦ୍ର



# ମୂଳାଶଙ୍କରରେ ପରିବା ଚାଷ

କୋରାପୁଟ ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ସେମିଳିଗୁଡ଼ା କ୍ଷେତ୍ର ପରିଚାଳନା କେନ୍ଦ୍ରର ମୂଳାଶଙ୍କର ଗ୍ରାମ ପରିବା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଛି । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ପରେ ଏହି ଗ୍ରାମଟି ସମସ୍ତ କାର୍ଯ୍ୟକଳାପରେ ଅନ୍ୟମାନଙ୍କ ପାଇଁ ଏକ ଆଦର୍ଶ ହୋଇପାରିଛି । ପୂର୍ବରୁ ସେମାନେ ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭଲ କାମ କରିଥିବା ବେଳେ ଏବେ ଜୀବିକା ନିର୍ବାହ କାର୍ଯ୍ୟକ୍ରମରେ ମଧ୍ୟ ଭଲ କାମ କରୁଛନ୍ତି ।

ରାଜ ଶଙ୍କର ବନ ସଂରକ୍ଷଣ ସମିତି ଅଧୀନରେ ଥିବା ମୂଳାଶଙ୍କର ଗ୍ରାମବାସୀମାନେ ପାରମ୍ପରିକ ପଦ୍ଧତିରେ ପରିବା ଚାଷ କରିଆସୁଥିଲେ । ଅର୍ଥ ଅଭାବରୁ ସେମାନେ ଉନ୍ନତ ମାନର ବିହନ ଓ ସାର ପ୍ରୟୋଗ ଆଦି ଉପରେ ବିଶେଷ ଧ୍ୟାନ ଦେଇପାରୁନଥିଲେ । ଏଥିଯୋଗୁଁ ସେମାନଙ୍କର ଉତ୍ପାଦନ ମଧ୍ୟ କମିଯାଉଥିଲା । ଯେଉଁମାନେ ସ୍ଥାନୀୟ ମହାଜନ ଠାରୁ ଟଙ୍କା ଋଣ ନେଉଥିଲେ ସେମାନେ ବେଶୀ ସୁଧ ଦେଉଥିଲେ । ସେମାନେ ନିକଟସ୍ଥ କୁନ୍ଦୁଲି ହାଟରେ ପରିବା ବିକୁଥିଲେ । ବେଳେ ବେଳେ ମହାଜନ ଶସ୍ତା ଦରରେ ସେମାନଙ୍କ ଠାରୁ ଋଣ ବାବଦ ଅର୍ଥ ଆଦାୟ କରିବାକୁ ପରିବା କିଣି ନେଉଥିଲା ।

ସ୍ଥାନୀୟ ଜଙ୍ଗଲ ବିଭାଗ କର୍ମଚାରୀ ଓ ବେସରକାରୀ ସଂଗଠନ ଏହି ବନ ସଂରକ୍ଷଣ ସମିତିର ପାଞ୍ଚୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଗୋଷ୍ଠୀଭିତ୍ତିକ କାର୍ଯ୍ୟ କରିବାକୁ ରାଜି କରାଇପାରିଲେ । ଯଦିଓ ସେମାନେ ଭିନ୍ନ ଭିନ୍ନ ଭାବେ ପରିବା ଚାଷ କରୁଛନ୍ତି, ସେମାନେ ବିହନ ଓ ସାର ଆଦି ବହୁ ପରିମାଣରେ ଏକ ସାଙ୍ଗରେ କିଣୁଛନ୍ତି ଯାହା ଫଳରେ ସେମାନେ ଆର୍ଥିକ ଫାଇଦା ପାଇପାରୁଛନ୍ତି । ଉଚିତ ବିହନ ଚୟନ ଓ ସଠିକ୍ ଚାଷ ପ୍ରଣାଳୀ ଉପରେ ସେମାନଙ୍କୁ କ୍ଷେତ୍ର ପରିଚାଳନା କେନ୍ଦ୍ରରେ ବ୍ଲକ୍ କୃଷି ଓ ଉଦ୍ୟାନ କୃଷି ଅଧିକାରୀଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଛି । ବନ ସଂରକ୍ଷଣ ସମିତି ପାଞ୍ଚୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ (୫୨ ସଭ୍ୟଙ୍କୁ) ପରିବା ଚାଷ ପାଇଁ ୫୦ ହଜାର ଟଙ୍କା ଋଣ ପ୍ରଦାନ କରିଛି । ଏଥି ଯୋଗୁଁ ସେମାନେ ମହାଜନ ପାଖକୁ ନଯାଇ, ଯେଉଁ ସମୟରେ ଯେଉଁ କାର୍ଯ୍ୟ କରିବା କଥା ତାହା କରିପାରୁଛନ୍ତି । ବେସରକାରୀ ସଂଗଠନ ସେମାନଙ୍କୁ ବଜାରରେ କିପରି ବହୁ ପରିମାଣରେ ବିକ୍ରି କରାଯାଇପାରିବ ସେ ଦିଗରେ ସାହାଯ୍ୟ କରିଛି, ଫଳରେ ସେମାନେ ଏବେ ନିଜ ପରିବା ବାହାରର ବ୍ୟବସାୟୀଙ୍କୁ ବହୁ ପରିମାଣରେ ସଠିକ୍ ଓଜନରେ (ପ୍ରକଳ୍ପ ଦ୍ୱାରା ପ୍ରଦତ୍ତ ଓଜନ ଯନ୍ତ୍ର ସହାୟତାରେ) ବିକ୍ରି କରିପାରୁଛନ୍ତି । ସେମାନେ ନିର୍ଦ୍ଧାରିତ ସୁଧ ସହ ଋଣ ପରିଶୋଧ କରିପାରିଛନ୍ତି ଓ ଭିଏସଏସ ଚଳିତ ବର୍ଷ ସେମାନଙ୍କୁ ପୁନର୍ବାର ୭୫ ହଜାର ଟଙ୍କା ଋଣ ପ୍ରଦାନ କରିଛି । ଏହି କାର୍ଯ୍ୟ ଦ୍ୱାରା ସେମାନଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି ପାଇଛି ଓ କେତେକ ସଭ୍ୟ ଏବେ ସୂର୍ଯ୍ୟମୁଖୀ, ପାଳୁଅ, ଛତୁ ଓ ଅନ୍ୟ ଋତୁଭିତ୍ତିକ ପରିବା ଚାଷ କରୁଛନ୍ତି । ଭିଏସଏସ ମଧ୍ୟ ଏହି ଚାଷୀମାନଙ୍କୁ ଜିଆଖତ ବିକ୍ରି କରି ୪୦୦୦ ଟଙ୍କା ଲାଭ ପାଇଛି । ଓଏଫଏସଡ଼ିପି ଅଧୀନରେ ଏପରି ଆୟ ବୃଦ୍ଧିକାରୀ କାର୍ଯ୍ୟକ୍ରମ କରାଯାଇଥିବାରୁ ସ୍ଥାନୀୟ ଲୋକେ ଏବେ ବିଶେଷ ଖୁସି ଅଛନ୍ତି ।

**ଦୀପକ କୁମାର ମିଶ୍ର,** ଏଫଏଲଇ, କୋରାପୁଟ






# ସବୁଜିମାଭରା ଭୁବନି

## ଏମଜିଏନଆରଇଜିଏସ ସହ ଓଏଫଏସଡ଼ିପିର ଏକାଭିମୁଖୀକରଣର ଏକ ସଫଳ କାହାଣୀ

ବେଶୀ ଦିନ ତଳର କଥା ନୁହେଁ ଗଜପତି ଜିଲ୍ଲାର ଏକ ଆଦିବାସୀ ଗ୍ରାମ ଭୁବନୀ ପରିଚିତ ଥିଲା ବେକାରୀ ଓ ଉଜୁଡ଼ା ଜଙ୍ଗଲ ପାଇଁ । ଗ୍ରାମବାସୀମାନେ ଭୁବନୀ ସଂରକ୍ଷିତ ଜଙ୍ଗଲରେ ପୋଡୁ ଚାଷ କରିବାରେ ଅଭ୍ୟସ୍ତ ଥିଲେ । କିନ୍ତୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକ୍ରମ ପରେ ସେମାନଙ୍କ ଚିରାଚରିତ ଜୀବନ ଶୈଳୀରେ ପରିବର୍ତ୍ତନ ଦେଖାଦେଲା ।

ଜଳ ମୃତ୍ତିକା ସଂରକ୍ଷଣ ପାଇଁ ୫୦୦ ମିଟର ଲମ୍ବ ଓ ଏକ ମିଟର ଉଚ୍ଚ ଏକ ପଥର ବନ୍ଧ କରିବା ନିମନ୍ତେ ଏମଜିଏନଆରଇଜିଏସ ମାଧ୍ୟମରେ ୨,୨୯,୩୬୫ ଟଙ୍କା ମଞ୍ଜୁର କରାଗଲା । ଏହା ଦ୍ୱାରା ସେ ଅଂଚଳର ଜଳଧାରଣ କ୍ଷମତା ବୃଦ୍ଧି ପାଇପାରିବ ଓ ଗାଈଗୋରୁଙ୍କ ଚଳପ୍ରଚଳ କମିବ ଓ ପରିବେଶର ବିକାଶ ଘଟିବ । ଏନଜିଏନଆରଇଜିଏସରେ ଗ୍ରାମବାସୀ କାମ ପାଇଥିବା ବେଳେ ଓଏଫଏସଡ଼ିପି ଅଧୀନରେ ନିର୍ଦ୍ଧାରିତ ୧୦୦ ହେକ୍ଟର ଅଞ୍ଚଳରେ ବୃକ୍ଷରୋପଣ ଓ ଏଏନଆର କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କଲେ ।

ଏବେ ସେହି ଅଂଚଳରେ ଅତି ବଢ଼ିଆ ସବୁଜିମା ଦେଖାଦେଇଛି ଓ ମୃତ୍ତିକା କ୍ଷୟ ବହୁମାତ୍ରାରେ କମିଯାଇଛି ତଥା ଜଳ ମୃତ୍ତିକା ସଂରକ୍ଷଣରେ ମଧ୍ୟ ବିକାଶ ଘଟିଛି । ବର୍ତ୍ତମାନ ସୁଦ୍ଧା ଓଏଫଏସଡ଼ିପି ଓ ଏମଜିଏନଆରଇଜିଏସ ମାଧ୍ୟମରେ ଯଥାକ୍ରମେ ୮୧୬ ଓ ୫୨୪୨ କାର୍ଯ୍ୟ (ମାନବ) ଦିବସ ସୃଷ୍ଟି କରାଯାଇପାରିଛି । ଏହା ଦୁଇ ପ୍ରକାର ସହାୟତା ଦେଲା । ଏହାଦ୍ୱାରା ସେମାନେ ପାଉଣାଭିତ୍ତିକ ନିଯୁକ୍ତି ପାଇଲେ ଓ ଏକ ଉଜୁଡ଼ା ଅଂଚଳ ଏବେ ସବୁଜିମାରେ ଭରି ହୋଇ ଏକ ସୁଖର ସବୁଜିମା ଭରା ଭୁବନିରେ ପରିଣତ ହେଲା ।

**ଗୁରବୀର ସିଂହ,**
ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଗଜପତି



# ସମ୍ବନ୍ଧ ଭୂମି: ଠେଙ୍ଗାପାଳି ଏବେ ଆଇନର ସହାୟତା ସହ



ବଣାଇଁ ବନାଞ୍ଚଳ ଅନ୍ତର୍ଗତ ବନ୍ଧଭୂମି-ଭାଡ଼ିମରା ପିଆରଏଫ ଅଧୀନରେ ରହିଛି ଏକ ଛୋଟ ଆଦିବାସୀ ଗ୍ରାମ ସମ୍ବନ୍ଧଭୂମି । ମୋଟ ୩୫ଟି ପରିବାର ମଧ୍ୟରୁ ପ୍ରାୟ ସମସ୍ତ ପରିବାର ଜୀବିକା ନିର୍ବାହ ପାଇଁ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଗ୍ରାମବାସୀ ମାନସିକ ଭାବେ ଜଙ୍ଗଲ ସହ ଜଡ଼ିତ ଓ ସ୍ୱତଃପ୍ରବୃତ୍ତ ଭାବେ ଜଙ୍ଗଲ ଜଗୁଛନ୍ତି । ଆଖପାଖ ଗ୍ରାମର ଲୋକେ ଜାଳେଣୀ କାଠ ଆବଶ୍ୟକତା ପୂରଣ ପାଇଁ ଅଧିକାଂଶ ସମୟ ମୂଲ୍ୟବାନ ଗଛ କାଟି ଦିଅନ୍ତି । ସମ୍ବନ୍ଧଭୂମି ଗ୍ରାମବାସୀ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କଲେ ମଧ୍ୟ ବିରୋଧ କରିବାକୁ ସାହସ କରିପାରନ୍ତି ନାହିଁ, କାରଣ ସେହି ଗ୍ରାମଗୁଡ଼ିକ ଅପେକ୍ଷାକୃତ ବଡ଼ ଓ ସେମାନେ ବଜାର ପାଇଁ ସେହି ଗ୍ରାମଗୁଡ଼ିକ ଉପରେ ନିର୍ଭର କରନ୍ତି । ବହୁ ଆଲୋଚନା ପରେ ସେମାନେ ଠେଙ୍ଗାବାଡ଼ି ମାଧ୍ୟମରେ ଜଙ୍ଗଲ ଜଗିବା ଆରମ୍ଭ କଲେ । ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ ପରିବାରକୁ ସପ୍ତାହର ନିର୍ଦ୍ଦିଷ୍ଟ ଦିନରେ ଜଙ୍ଗଲ ଜଗିବାର ଦାୟିତ୍ୱ ପ୍ରଦାନ କଲେ । ଚାରିଟି ନିର୍ଦ୍ଧାରିତ ଜଗୁଆଳି ପରିବାର ମଧ୍ୟରୁ ଦୁଇଟି ପରିବାର ପୂର୍ବାହ୍ନ ଓ ଦୁଇଟି ପରିବାର ଅପରାହ୍ନରେ ଜଙ୍ଗଲ ଜଗନ୍ତି । ଭଲ ଜଙ୍ଗଲ ଜଗିଥିବାରୁ ଗ୍ରାମବାସୀ ବଣାଇ ବନଖଣ୍ଡରୁ ୧୦,୦୦୦ ଟଙ୍କା ଓ ୮୦୦ ଟଙ୍କା ଭିନ୍ନ ଭିନ୍ନ ଭାବେ ପୁରସ୍କାର ପାଇଛନ୍ତି । ସେମାନେ ସେହି ଟଙ୍କାକୁ ଗାଁ ପାଣ୍ଠି ଭାବେ ବ୍ୟାଙ୍କରେ ଜମା ରଖିଛନ୍ତି ।

ସମ୍ବନ୍ଧଭୂଇଁ ଗ୍ରାମରେ ବିର୍ଶା ମୁଣ୍ଡା ଜଣେ ମାଟ୍ରିକ ପଢୁଆ ଓ ବିଚକ୍ଷଣ ବ୍ୟକ୍ତି । ସେ ନିୟମିତ ଭାବେ ପାଖ ଗାଁଗୁଡ଼ିକୁ ବୁଲି ଯାଆନ୍ତି । ସେଠାରେ ସେ ବନ ସଂରକ୍ଷଣ ସମିତି ଓ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ବିଷୟରେ ଜାଣିଲେ । ସମ୍ପୂର୍ଣ୍ଣ ଯୋଜନା ବିଷୟରେ ଜାଣିବା ପରେ ସେ ଉତ୍ସାହିତ ହୋଇପଡ଼ିଲେ ଓ ଏ ବିଷୟରେ ଗ୍ରାମର ଅନ୍ୟମାନଙ୍କୁ ଜଣାଇଲେ । ଗ୍ରାମବାସୀମାନେ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଓଏଫଏସଡ଼ିପି ଅଧୀନରେ ଏକ ଭିଏସଏସ ଗଠନ କରିବାକୁ ଅନୁରୋଧ କଲେ । ଶେଷରେ ଏହି ଗ୍ରାମ ଓଏଫଏସଡ଼ିପିର ତୃତୀୟ ଦଫାରେ ସାମିଲ ହେଲା ଓ ୭୪.୬୯ ହେକ୍ଟର ଜଙ୍ଗଲ ଜଗିବାକୁ ମିଳିଲା । ସେମାନଙ୍କର ଉଦ୍ୟମ ଏବେ ଆନୁଷ୍ଠାନିକ ହେବା ସହ ଆଇନର ସହାୟତା ଲାଭ କଲା, ଫଳରେ ଭିଏସଏସ ସଭ୍ୟମାନେ ଏବେ ଆତ୍ମ ବିଶ୍ୱାସ ସହ ଜଙ୍ଗଲ ଜଗିବେ ।

**ଏଫଏଲଇ, ବଣାଇଁ**

# ପ୍ରକାଶନ




- Institutional Mechanism for Project Implementation OFSDP ExperienceJuly, 2010
- Sameeskhya – 2009 (English & Odia) July, 2010
- Technical Manual For Restoration of Mangroves August, 2010

## ବଦଳି | ନିଯୁକ୍ତି

**ଶ୍ରୀ ଅରୁଣ କୁମାର ମିଶ୍ର,** ଓଏଫଏସ–୧
ବଣାଇ ବନଖଣ୍ଡର ଅଧିକାରୀ ଓ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟଭାବେ ଯୋଗ ଦେଇଛନ୍ତି ।

## କୁଇଜ୍ –୨ବିଜେତା

### ଭିଏସଏସ / ଏସଏଚଜି

ସନାତନ ସାହୁ, ଆନିମେଟର, ଦୁଧିଆନାଳି ବନ ସଂରକ୍ଷଣ ସମିତି, ଘଟଗାଁ, କ୍ଷେତ୍ର ପରିଚାଳନା କେନ୍ଦ୍ର, କେନ୍ଦୁଝର ଖଣ୍ଡୀୟ ପରିଚାଳନା କେନ୍ଦ୍ର, ବନ ବିଭାଗ ଅଧିକାରୀ

### ବନ ଅଧିକାରୀ

ସନ୍ତୋଷ କୁମାର ଧର, ବନ ସମ୍ପ୍ରସାରଣ ଅଧିକାରୀ, ଅନୁଗୁଳ

### ଓଏଫଏସଡ଼ିପି କୁଇଜ–୨ର ଉତ୍ତର

| | | | | | | | | | |
|---|---|---|---|---|---|---|---|---|---|
| ୧. | ଖ | ୬. | କ | ୧୧. | ଗ | ୧୬. | ଖ | ୨୧. | ଖ |
| ୨. | ଖ | ୭. | ଗ | ୧୨. | ଖ | ୧୭. | ଘ | ୨୨. | ଗ |
| ୩. | ଖ | ୮. | କ | ୧୩. | ଖ | ୧୮. | ଘ | ୨୩. | ଖ |
| ୪. | ଗ | ୯. | କ | ୧୪. | ଘ | ୧୯. | ଖ | ୨୪. | ଖ |
| ୫. | ଖ | ୧୦. | ଗ | ୧୫. | ଖ | ୨୦. | ଘ | ୨୫. | ଘ |

ଆମେ ୧୨୦ରୁ ଊର୍ଦ୍ଧ୍ୱ ଉତ୍ତର ପାଇଥିଲୁ । କିନ୍ତୁ କେହି ଜଣେ ମଧ ସବୁ ପ୍ରଶ୍ନର ସଠିକ୍ ଉତ୍ତର ଦେଇପାରିନଥିଲେ । ତେଣୁ ଯେଉଁ ବ୍ୟକ୍ତି ସର୍ବାଧିକ ସଠିକ୍ ଉତ୍ତର ଦେଇଥିଲେ ତାଙ୍କୁ ପୁରସ୍କାର ଦେବାକୁ ନିର୍ଣ୍ଣୟ କରାଗଲା । ବିଜେତାମାନଙ୍କ ପାଖକୁ ଡିମାଣ୍ଡ ଡ୍ରାଫ୍ଟ ସମ୍ପୃକ୍ତ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟଙ୍କ ଜରିଆରେ ପଠାଇ ଦିଆଯିବ ।

ବିଜେତାମାନଙ୍କୁ ସାଧୁବାଦ ।

**OFSDP**
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମନ୍ତବ୍ୟ/ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :
ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
E-mail : dpd.pa@ofsdp.org

ପ୍ରକାଶକ
**ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ**
ଏସଏଫଟିଆରଆଇ ପରିସର ଘାଟିକିଆ, ଭୁବନେଶ୍ୱର – ୭୫୧ ୦୦୩
ଫୋନ : ୦୬୭୪–୨୩୮୪୦୧୬, ଫ୍ୟାକ୍ସ : ୦୬୭୪–୨୩୮୪୦୮୫
E-mail : webmail@ofsdp.org, http:\\www.ofsdp.org

ସମ୍ପାଦକ ମଣ୍ଡଳୀ
ମୁଖ୍ୟ ସମ୍ପାଦକ : ପ୍ରକଳ୍ପ ନିର୍ଦ୍ଦେଶକ, ଓଏଫଏସଡିପି
ପରିଚାଳନା ସମ୍ପାଦକ : ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏଚଆରଡି ଏବଂ ଆର)
ସମ୍ପାଦକ : ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ୍ ଏ)
ଉପଦେଷ୍ଟା : ଦଳପତି ସାଧାରଣ ପରାମର୍ଶଦାତା, ଓଏଫଏସଡିପି ଏବଂ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏ ଆଣ୍ଡ୍ ଏଫ୍), ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଆଇଏମଇ)

**ମୁଦ୍ରାକାର : ଜ୍ୟୋତିଗ୍ରାଫିକ୍ସ**
ଫୋନ : ୦୬୭୪–୨୫୪୪୨୦୯, E-mail : jyotigraphics@gmail.com